# ସ୍ୱପ୍ନ

● ବୀଣାପାଣି ମହାନ୍ତି

**ଲେଖିକା ପରିଚୟ :**

ବୀଣାପାଣି ମହାନ୍ତି ( ୧୯୩୬) ସାଂପ୍ରତିକ ଓଡ଼ିଆ ଗଳ୍ପସାହିତ୍ୟର ଜଣେ ସୁପରିଚିତ ସାରସ୍ୱତ ଶିଳ୍ପୀ । ସ୍ନେହ, ପ୍ରେମ, ସ୍ମୃତି, ବିଶ୍ୱାସକୁ ନେଇ ବଞ୍ଚିଥିବା ନାରୀ ମନର ସେ ଜଣେ ବିଶ୍ୱସ୍ତ ରୂପକାର । ତାଙ୍କର ବିପୁଳ ସୃଜନ ମଧ୍ୟରେ 'ନବତରଂଗ', 'ତଟିନୀର ତୃଷା', 'ମଧ୍ୟାହ୍ନର ଦୃଶ୍ୟାନ୍ତର', 'ଆରୋହଣ', 'ଅଶ୍ରୁଅନଳ', 'କସ୍ତୁରୀମୃଗ' ଓ 'ସବୁଜ ଅରଣ୍ୟ', 'ପାଟଦେଈ' ଆଦି ବିଶେଷ ଜନପ୍ରିୟତା ଅର୍ଜନ କରିପାରିଛି । ଗଳ୍ପରଚନା କ୍ଷେତ୍ରରେ ଅନବଦ୍ୟ ଅବଦାନପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାହିତ୍ୟଭାରତୀ ସମ୍ମାନ ଲାଭ କରିଛନ୍ତି । ଏହି ଗଳ୍ପଟି ଲେଖିକାଙ୍କ 'ଇଣ୍ଟରଭିୟୁ' ଗଳ୍ପ ସଂକଳନରୁ ସଂଗୃହୀତ ।

ଦାରିଦ୍ର୍ୟ ନିପୀଡ଼ିତ ମାତୃହୃଦୟର ଚିତ୍ରଣ ଏବଂ ଏକ ସରଳ ଶିଶୁର ନିଷ୍କପଟ ଅଭିଳାଷ 'ସ୍ୱପ୍ନ' ଗଳ୍ପଟିକୁ ଏକ ସାର୍ଥକ ସୃଷ୍ଟିରେ ପରିଣତ କରିଛି ।

---

ସୁଭଦ୍ରା ଯେତେ ବୁଝେଇଲେ ବି ଟୋକାଟା ବୁଝିବାକୁ ନାରାଜ । ତୁହାଇ ତୁହାଇ ସେଇ କଥା ପଚାରୁଛି - ମା ! କହମ । କ'ଣ ସବୁ ଆମର ହେବ ପରା ତୁ କହିଥିଲୁ ? "ତୋପାଟା ହେବ । ଜଳଖିଆ ତ ଖାଇଲୁ - ଦେ ଏଣିକି ଶୋଇପଡ଼ ।" ନାହିଁ...ତୁ କହ । ସେ ସଭାରେ ବାବୁ ଯାହା ଯାହା କହିଲେ ତୁ କହ । ପିଲାମାନେ କ'ଣ ରଜା ହେବେ ମା ? ଅଜୁର କଣ୍ଠରେ ଅହେତୁକୀ ଆଗ୍ରହ । "ରାଜା ? ହଇରେ ରଜା ହେବ କିଏ ? ସେ କଥା ନାହିଁ ଯେ ସଭାରେ କଥା ପଡ଼ିଥିଲା ପିଲାଏ କେମିତି ଭଲ ମଣିଷ ହେବେ, ସୁସ୍ଥ ରହିବେ, ଭଲ ପାଠ ପଢ଼ିବେ । ତତେ ରାଜା ହେବା କଥା କହିଲା କିଏ ?"

ଅଜୟ ଉତ୍ତର ଦେଲା-

"ବିଦୁ ଦିଦି କହୁଥିଲେ ଏ ବର୍ଷ କୁଆଡ଼େ ପିଲାଙ୍କର ରାଜା ହେବା ବର୍ଷ ।" ହସି ପକେଇଲା ସୁଭଦ୍ରା । ବିଦୁଟା ସେମିତି ମନଭୁଲାଣିଆ କଥା କହେ । ଖବରକାଗଜରେ ଯାହା ପଢ଼େ ତାକୁ ବନେଇ ଚୂନେଇ କହେ । ଗଲାବର୍ଷ ସେମିତି କହୁଥିଲା ସ୍ତ୍ରୀଲୋକଙ୍କର ରାଣୀ ହେବା ବର୍ଷ ଆସିଛି । ସୁଭଦ୍ରା ଆଉ କିଛି ନ କହି ଛିଣ୍ଡାଜାମାଟା ରଫୁ କରିବାରେ ମନ ଦେଲା । ଅଜୁ ଏଥର ଅଳି କଲାପରି କହିଲା - ମା ! ମୋ ନାଁଟା ତୁ ସେଇ ସ୍କୁଲରେ ଲେଖେଇ ଦେ' ଯେଉଁଠି

ଅରୁଣବାବୁଙ୍କ ପୁଅ ପଢୁଛି । ସୁଭଦ୍ରା କଣେଇ କରି ପୁଅ ମୁହଁକୁ ଅନେଇ ଉତ୍ତର ନ ଦେବା ଉଚିତ ମନେକଲା । ଅଜ୍ଜୁ ତ ବୁଝିବନି ଇଂରାଜୀ ସ୍କୁଲରେ ପଢ଼େଇବାକୁ ତା ମା'ର ସାମର୍ଥ୍ୟ ନାହିଁ । ଏଇ ସାଧାରଣ ସ୍କୁଲର ବହି ଖାତା ଯୋଗେଇବା ପାଇଁ ସେ ଯେ କଠିନ ପରିଶ୍ରମ କରୁଛି ସେହି ଏକା ଜାଣେ । ଅଜ୍ଜୁ ତ ଜାଣେ ନାହିଁ ତା'ର ବାପା ଦୁଇବର୍ଷ ହେଲା ଗୋଟିଏ ପଇସା ଘରକୁ ପଠାଉ ନାହିଁ । ଏମିତିକି ଚିଠି ଖଣ୍ଡେ ବି ଦେଉ ନାହିଁ । କିଏ କେତେ ରକମ କଥା କହୁଛନ୍ତି.... କ'ଣ ଲାଭ ଅଛି ସେଥିରେ ତା'ର ? ମାତ୍ର ବାପାର ଏଇ କରଛଡ଼ା ଦେଇ ରହିବା କଥାଟା ସେ ଅଜ୍ଜୁକୁ କହିପାରିନି, ଜୀବ ଥିବାଯାଏ କହି ବି ପାରିବ ନାହିଁ । ବାପା କାହିଁକି ଘରକୁ ଆସୁନି ବୋଲି ପ୍ରଶ୍ନ କଲେ ସୁଭଦ୍ରା କହେ ଏ ବେଳେ ବାପା ପାଞ୍ଚ ବର୍ଷ ଯାଏ ଘରକୁ ଆସିପାରିବନି, ବହୁତ କାମ, ଥରେ ଯଦି ଅମାନିଆ ହୋଇ ଚାଲି ଆସେନା ତା'ହେଲେ ଚାକିରି ଚାଲିଯିବ । ମନକୁମନ ହିସାବ କରି ଆଙ୍ଗୁଠି ଆଗରେ କହେ ଯେ ଅଜ୍ଜୁ ମାଇନର ପାସ୍ କଲେ ବାପା ଘରକୁ ଆସିବ । ସୁଭଦ୍ରାର ଚିନ୍ତାରେ ବ୍ୟାଘାତ ଜନ୍ମାଇ ଅଜ୍ଜୁ କହିଲା – ତୁ ବାପାକୁ ଲେଖିଦେ, ମୋ ପାଇଁ ଡ୍ରେସ କରି ପଠାଇବେ । ରଙ୍ଗ ପେନ୍‌ସିଲ ପଠାଇବେ । ମୁଁ ସେଇ ଅରୁଣବାବୁଙ୍କ ପୁଅ ସ୍କୁଲରେ ପଢ଼ିବି ମା ! ଭାରି ଭାରି କଣ୍ଠରେ ସୁଭଦ୍ରା କହିଲା – "ତୁ ଏଇଲେ ଆଖି ବୁଜି ଶୋଇପଡ଼ କି ସୁନା ! କାଲି ସକାଳେ ସେ କଥା ତୋ ବାପାକୁ ଲେଖି ଦେବି । ଲଣ୍ଠନର ତେଲ ସରିଆସିଲାଣି । ମୁଁ ଟିକେ ତେଲ ପକାଇ ଆଣେ ।"

ତେଲ ପକଉ ପକଉ ସୁଭଦ୍ରା ଆପଣାଛାଏଁ କଇଁ କଇଁ କରି କାନ୍ଦି ଉଠିଲା । ଛୁଆଟା କିଛି ବୁଝୁ ନାହିଁ, ସ୍ୱପ୍ନ ଦେଖୁଛି, ମିଛ କହି ତାକୁ ଭୁଲାଉଥିବାର ଅନିଚ୍ଛାକୃତ ଯନ୍ତଣା ସୁଭଦ୍ରାର ଛାତି ଭିତରଟା କୋରି ନେଇଯାଉଛି । ଲଣ୍ଠନର କାଚ ସଫା କରି ବତି ଟେକି ସେ ଯେତେବେଳେ ଆସି ଅଜ୍ଜୁର ବିଛଣା ପାଖରେ ବସିଲା, ସେତେବେଳକୁ ମୁହଁରେ ଏକ ସୁଖ ସ୍ୱପ୍ନର ଆଭା ଫୁଟାଇ ଅଜ୍ଜୁ ଗଭୀର ନିଦ୍ରାରେ ଶୋଇ ଯାଇଥିଲା । ଅଜ୍ଜୁର ହାଡୁଆ ଦେହହାତକୁ ଚାହିଁ, ମଇଳା ପ୍ୟାଣ୍ଟକୁ ଚାହିଁ ସୁଭଦ୍ରା ଏକ ଦୀର୍ଘଶ୍ୱାସ ଛାଡ଼ିଲା । ସଭାରେ ପିଲାଙ୍କ ବିଷୟରେ ଶୁଣି ଅଜ୍ଜୁ ସ୍ୱପ୍ନ ଦେଖୁଛି । ହେଲେ ସୁଭଦ୍ରା କରିବ କ'ଣ ? ତା'ର ସେଇ ସ୍ୱପ୍ନକୁ ସାର୍ଥକ କରିବାପାଇଁ ଶକ୍ତି କାହିଁ ?

ସକାଳ ହେଲେ ପାଞ୍ଚଜଣଙ୍କ ଘରେ ସୁଭଦ୍ରା ବାସନ ମାଜି ଯାଏ । କୋଉଦିନ ଜଳଖିଆ କିଏ ଦେଲେ କାନିରେ ବାନ୍ଧି ଆଣେ ଅଜ୍ଜୁପାଇଁ । ସକାଳୁ ଛୁଆଟା ପଖାଳ ପାଣି ପିଇ ସ୍କୁଲକୁ ଯାଇଥାଏ ଯେ ଘରକୁ ଫେରିବା ବେଳକୁ ପିଠି ଯାଇ ଅଣ୍ଟାରେ ଲାଗିଥାଏ । କେମିତି ସେ ଖାଇ ଦେବ ? ଦିନ ଦି'ପହରେ ଭାତ ଗଣ୍ଡାଏ ଚୂଲିରେ ବସେଇ ପୁଅକୁ ଅନେଇ ବସେ । ପୁଅ ଫେରିଲେ ମା ପୁଅ ଖାଇ ଗଡ଼ିପଡ଼ନ୍ତି ଦଣ୍ଡେ । ତା'ପରେ ପୁଅ ଯାଏ ଖେଳିବାକୁ, ମା ଯାଏ ବାସନ ମାଜି, ଘର ଖରକି, ନ ହେଲେ କଦଳୀ କି କାଗିଜିଲେମ୍ବୁ ବିକି । ସଞ୍ଜବେଳେ ପୁଅ ପଢୁଥାଏ, ମା ଶୁଣୁଥାଏ । କୋଉଦିନ ଅଜ୍ଜୁ କିଛି କହେନା- ହେଲେ ଆଜି କି ସଭା ହେଲା କେଜାଣି ସାଇରେ ସବୁ ପିଲାଙ୍କୁ ଘରୁ ଆସି କୋଢ଼େଇ କାଖେଇ ନେଇଗଲେ, ପୁଡ଼ାଏ ଜଳଖିଆ ଧରେଇ ଦେଇ କେତେ କ'ଣ ଅଜବ କଥା କହିଗଲେ ତାଙ୍କରିମାନଙ୍କୁ ନେଇ । ହେଲେ ସେ କ'ଣ ସମ୍ଭବ ହେବ ? ହାଇ ମାରିଲା ସୁଭଦ୍ରା । ଆଖି ଆଉ ଛୁଇଁ ମୁନରେ ରହୁନି । ଲଣ୍ଠନ ଲିଭାଇ ଶୋଇ ପଡ଼ିଲା ସେ ଅଜ୍ଜୁ ପାଖରେ । ଦୁଃଖ ତ କିଛି ନୂଆ ନୁହେଁ – ଦେହସୁହା ହୋଇଗଲା ପରେ ରୁଟିନ୍ ପରି ସବୁ କଥା ଦୁଃଖସୁଖ ବେଳ ଦେଖି ଅନୁଭବ କରିହୁଏ । ଶେଷକୁ ନିଦ – ସବୁ ଚିନ୍ତାର ଉର୍ଦ୍ଧ୍ୱରେ ଥାଏ ବୋଧହୁଏ ।

କେତେବେଳେ ଗୋଟାଏ କରମାଡ଼ି ଶୋଇ ଯାଇଥିଲା କେଜାଣି, ଝାଳରେ ଭିଜି ଦେହ ପୋଡ଼ି ଉଠିବାରୁ ସେ କର ଲେଉଟାଇ ଅଳ୍କୁକୁ କୋଳକୁ ଟାଣି ଆଣିବାକୁ ଯାଇ ଜାଣିଲା ବିଛଣା ଶୂନ୍ୟ । ଚମକି ଆଖି ଖୋଲି ଦେଖିଲା ସୁଭଦ୍ରା, ଲଣ୍ଠନ ଜଳାଇ ଅଳ୍କୁ ତା'ର ବହିବସ୍ତାନି ଖୋଲି ପଢୁଛି । ରାତି ବୋଧହୁଏ ପାହି ଆସିଲାଣି କି କ'ଣ ? ମଲାଇଛନ୍ନରୁ ଛିଟିକାଏ ପଡ଼ିଛି ଝରକା ଦେଇ ଘର ଚଟାଣରେ । ସୁଭଦ୍ରା ପୁଣି ଆଖି ବୁଜି ଦେଲା ... ସମ୍ପୂର୍ଣ୍ଣ ନିଦ ଲାଗିଆସିବା ପୂର୍ବରୁ ହଠାତ୍ ଗୁଣୁଗୁଣୁ କଥାର ସ୍ୱରରେ ସେ ଆଖି ମେଲି ଚାହିଁଲା । ଲଣ୍ଠନକୁ କମାଇ ନିଷ୍ପ୍ରଭ କରି କାନ୍ଥ ଜଡ଼କୁ ଘୁଞ୍ଚି ଯାଇ ଅଳ୍କୁ ଆଣ୍ଠୁ ମାଡ଼ି ପ୍ରାର୍ଥନା କରୁଛି... ଆଖିରୁ ତା'ର ଲୁହ ବୋହିଯାଉଛି ଗାଲ ଉପର ଦେଇ । କେମିତି ଯେପରି ଚମକି ପଡ଼ିଲା ନିଦ ଭିତରେ ସୁଭଦ୍ରା । ଅଳ୍କୁ ! ତା'ର ଦଶବର୍ଷ ବୟସ ପୂରି ନ ଥିବା ପୁଅ ରାତି ଅଧରେ ଉଠିପଡ଼ି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି କାନ୍ଦି କାନ୍ଦି । ଈଶ୍ୱର ପୁଣି କିଏ ନା, ବାଲିଯାତ୍ରାରୁ କିଣିଥିବା ମାଟିକଣ୍ଢେଇ ହରପାର୍ବତୀ, ରାଧାକୃଷ୍ଣ ଓ ଗଣେଶ, ସରସ୍ୱତୀ: କିନ୍ତୁ.... କାନ୍ଦୁଛି କାହିଁକି ଅଳ୍କୁ । ହତବାକ୍ ବିସ୍ମୟରେ ବିଛଣାରୁ ଉଠିପଡ଼ି ସୁଭଦ୍ରା ବିରକ୍ତିରେ ପାଟି କରି ଉଠୁଉଠୁ ଅଟକିଗଲା ଅଳ୍କୁର କରୁଣ କଣ୍ଠର ଶବ୍ଦରେ । କାତର କଣ୍ଠରେ ଅଳ୍କୁ କହୁଛି -

"ଈଶ୍ୱରମାନେ ! ପ୍ରତିଦିନ ମୁଁ ତୁମମାନଙ୍କୁ ଡାକୁଛି କେହି ଶୁଣୁନ କାହିଁକି ? ତୁମେ ଯଦି ମାଟି, ପଥର ନୁହଁ, ତା'ହେଲେ ଜବାବ ଦେଉନ କାହିଁକି ? ତୁମେ କିଛି ନ କଲେ ନାହିଁ ଠାକୁର, ଖାଲି ମୋ ମା'ଙ୍କୁ କହିଦିଅ ମୁଁ ବଡ଼ମଣିଷ ହେବି । ଯେତେ କଷ୍ଟ, ଯେତେ ଅସୁବିଧା ଆସୁ ପଛକେ ମୁଁ ଅଟକି ଯିବିନି । ପାଠ ପଢ଼ିବି, ନାଁ କରିବି । ମୋ ପାଇଁ ମୋ ମା' ଯେମିତି ଆଉ ଲୁଚେଇ ଲୁଚେଇ ନ କାନ୍ଦେ । ମୋ ମା'ଙ୍କୁ କହିଦିଅ, ମୋ ବାପା ଫେରିବନି ଆଉ । ମୋର କିଛି ସେଥିପାଇଁ ମନ କଷ୍ଟ ନାହିଁ । ବାପା ନ ଥିଲେ କ'ଣ ସତରେ ମୁଁ ମଣିଷ ହୋଇପାରିବିନି ? ହେବି, ମୁଁ ତୁମକୁ କଥା ଦେଉଛି ଠାକୁର, ବଡ଼ ମଣିଷ ନିଶ୍ଚୟ ହେବି । ଆଚ୍ଛା ହରପାର୍ବତୀ ! ତୁମେ ଦିହେଁ ପରା ରାତି ଅନ୍ଧାରରେ ଉଡ଼ି ବୁଲୁଥାଅ । ତୁମ ଆଖିରେ କ'ଣ ପଡୁ ନାହିଁ ଛୋଟ ପିଲାମାନେ କେମିତି ହଇରାଣ ହେଉଛନ୍ତି ? ଏତେ ଉଚ୍ଚ ନୀଚ, ଧନୀ ଗରିବ ପ୍ରଭେଦ ସୃଷ୍ଟି କରି ତମେ ପିଲାମାନଙ୍କୁ କାହିଁକି କଷ୍ଟ ଦେଉଛ କହିଲ ? ହଉ, ଯାହା ଆଜିଯାଏ କଲ ଭାବ ନାହିଁ ଯେ ଭଲ କରିଛ । ଏଣିକି ଆମ ବିଦୁଅପା ସଭାରେ ଯାହା କହିଛି - ସବୁ ପିଲା ସମାନ ହେବେ, ସମାନ ସୁବିଧା ପାଇବେ ସେଇ କଥାଟି ତା'ର ସତ କରିଦିଅ ପ୍ରଭୁ । ବିଦୁଅପାକୁ ବୋଉ ଯେମିତି ମିଛେଇ ବୋଲି ଆଉ ନ କୁହେ । କରିବ ନା ? ତୁମେ କିନ୍ତୁ ଯାହା କୁହ ଈଶ୍ୱର, ତୁମେ ସବୁ କଥା ଭୁଲିଯାଅ । ପ୍ରତିଦିନ ମୁଁ ତୁମକୁ କେତେ ଏସବୁ ମନେ ପକେଇବି ଯେ । ଆଃ ! ବଡ଼ କାଟୁଛି ଠାକୁର । କିଛି ଖରାପ ଭାବିବନି ମନେ । ମୁଁ ତେକା ପକେଇ ବସୁଛି - କେତେ ସମୟ ମୁଁ ଆଣ୍ଠେଇ ପାରିବି କୁହନା ? ଦେଖ, ଲଣ୍ଠନରେ ତେଲ ବି ସରି ଆସିଲାଣି । ଆମ ଘରେ ଏତେ କମ୍ ପଇସା ଯେ ଆମେ ରାତିରେ କିରାସିନି ଜାଳିବାକୁ ପାଇପାରୁନୁ. ମୋ ମା' ଏ କଥା ଜାଣିଲେ ତୁମ ଉପରେ ରାଗିବ ଆଉ ମତେ ମାରି ପକେଇବ । ମା' ତୁମ ଉପରେ ଆଜିକାଲି ରାଗିଯାଉଛି ବୋଲି ତୁମେ ତା' ଉପରେ ରାଗିଯିବନି ଆଉ ? ସେ ସେମିତି ମିଛରେ ତୁମ ଉପରେ ରାଗେ ମ । ମା ତୁମକୁ ପେଟ ଭିତରେ ବହୁତ ଭଲ ପାଏ । କିନ୍ତୁ ଗୋଟିଏ କଥା ମନେ ରଖିବ ଶିବ ! ମୁଁ ତୁମକୁ ଏ କଥା କହିଛି ବୋଲି ମୋ ମା'ଙ୍କୁ ମୋଟେ କହିବନିଟି ? ସେ କହିଛି ଘର କଥା ଆଦୌ ବାହାରେ କହିବନି । ମୁଁ ଯେମିତି ତା କଥା ମାନିଛି ତୁମେ ସେମିତି ମୋ କଥା ମାନିବ । ନ ହେଲେ ମୁଁ ତୁମକୁ ନଈରେ ନେଇ ଫୋପାଡ଼ି ଦେବି.... ସତ କହୁଛି... ମୁଁ ତୁମମାନଙ୍କୁ ମୋଟରୁ ଡରେନା... ।"

ହଠାତ୍ ଏତିକିବେଳେ ରାସ୍ତା ଉପରେ ପଞ୍ଚାଏ କୁକୁର ଏକ ସଙ୍ଗରେ କଳିକଲା ପରି ଭୋ' ଭୋ' କରି ଭୁକି ଉଠିଲେ ରାତିର ନିସ୍ତବ୍ଧତା ଭଙ୍ଗକରି । ଆଉ ସେଇ ଭୟାନକ ଶବ୍ଦରେ ଚମକି ପଡ଼ି ଗୋଟା ଗୋଟା ଈଶ୍ୱରଙ୍କୁ ଖପ୍‌ଖାପ୍ ଡେଇଁ 'ମା' ଲୋ' ବୋଲି ଚିତ୍କାର କରି ଅଜୁ ବିଛଣାରେ ଆସି ଲୋଟି ପଡ଼ିଲା । ତା'ର ଦୁର୍ବଳ ହାଡୁଆ ହାତ ମା'ର ଛାତି ଉପରେ ବେଢ଼େଇ ହୋଇଗଲା କିଛି ଶବ୍ଦ ନ କରି । ଗଭୀର ନିଦ୍ରାର ଛଳନା କରି କଡ଼ ଲେଉଟାଇ ପୁଅର ହାଡୁଆ ପିଠିକୁ କୋଳେଇ ନେଲା ସୁଭଦ୍ରା । ଥର ଥର କମ୍ପୁଛି ଅଜୁର ଦେହ ଭୟରେ । ଦଶବର୍ଷର ପିଲା ଈଶ୍ୱରଙ୍କୁ ଲୁଚେଇ ଡାକୁଛି ମା' ଭୟରେ, ଅଥଚ କୁକୁର ଭୁକାକୁ ତା'ର ଜୀବନ ଭୟ !

ସୁଭଦ୍ରା ସନ୍ତର୍ପଣରେ ନିଜ ଆଖିରୁ ଲୁହ ପୋଛିବାକୁ ଚେଷ୍ଟା କରି ବିଫଳ ହେଲା । ଥାଉ – ଯେତେ ଲୁହ ବୋହିବ ବୋହୁ । ଅଜୁବାପା ଘର ଛାଡ଼ି ଗଲା ଦିନୁ ପଥର ଆଖି ଏବେ ପ୍ରଥମ ଥରପାଇଁ ଓଦା ହୋଇଛି ଯେ, ଏ ଲୁହ ସେ ପୋଛିବ ନାହିଁ । କିଏ ଜାଣେ ଖୁସିରେ ଲୁହ ଝରିବାକୁ ତାକୁ ଆଉ ସୁବିଧା ମିଳିବ କି ନାହିଁ ।

ଝାପ୍‌ସା ଆଲୁଅରେ ମାଟିର ଠାକୁରମାନେ ସୁଭଦ୍ରା ସାମ୍ନାରେ ଜୀବନ୍ୟାସ ପାଇ ଆନନ୍ଦରେ ନାଚୁଥିଲେ ଯେମିତି ।

## ପ୍ରଶ୍ନାବଳୀ

**ପ୍ରତି ପ୍ରଶ୍ନର ଉତ୍ତର ପ୍ରାୟ ୫୦ଟି ଶବ୍ଦ ମଧ୍ୟରେ ଲେଖ ।**

୧. ସଭାରେ ବିଦୁଦିଦି କେଉଁ ବିଷୟରେ କହିଥିଲେ ?

୨. ସଭାରେ ହୋଇଥିବା ଆଲୋଚନା ବିଷୟରେ ଅଧିକ ଶୁଣିବାପାଇଁ ଅଜୁ ଜିଦ୍ କରୁଥିଲା କାହିଁକି ?

୩. ସୁଭଦ୍ରା ଅଜୁକୁ ଇଂରାଜୀ ସ୍କୁଲରେ ପଢ଼ାଇ ପାରୁ ନ ଥିଲେ କାହିଁକି ?

୪. ଅଜୁର ବାପାଙ୍କ ବିଷୟରେ ସୁଭଦ୍ରା ଅଜୁକୁ କ'ଣ କହୁଥିଲେ ?

୫. କେଉଁ ଯନ୍ତ୍ରଣା ଯୋଗୁଁ ସୁଭଦ୍ରାଙ୍କ ଛାତି ଭିତରଟା କୋରି ହୋଇ ଯାଉଥିଲା ?

୬. ସୁଭଦ୍ରା କିପରି ଭାବରେ ନିଜର ଗୁଜୁରାଣ ମେଣ୍ଟାଉଥିଲେ ?

୭. ପୁଅ ସ୍କୁଲରୁ ଫେରିବା ଆଗରୁ ସୁଭଦ୍ରା ଖାଇପାରୁ ନ ଥିଲେ କାହିଁକି ?

୮. ରାତିରେ ମା' ପାଖରୁ ଉଠିଯାଇ ଅଜୁ କ'ଣ କରୁଥିଲା ?

୯. ପୁଅକୁ ଦେଖି ସୁଭଦ୍ରା ଚମକି ପଡ଼ିଲେ କାହିଁକି ?

୧୦. ଠାକୁରଙ୍କ ପାଖରେ ବସି ଅଜୁ କ'ଣ କ'ଣ କହୁଥିଲା ?

୧୧. ଅଜୁ ଦରିଦ୍ର ପରିବାରର ପିଲା ଥିଲା ବୋଲି କିପରି ଜଣାପଡୁଛି ?

୧୨. ଠାକୁର ପିଲାମାନଙ୍କୁ କଷ୍ଟ ଦେଉଛନ୍ତି ବୋଲି ଅଜୁ କହିଛି କାହିଁକି ?

୧୩. କେଉଁ କଥା ଜାଣିଲେ ମା' ରାଗି ମାରି ପକେଇବ ବୋଲି ଅଜୁ କହିଛି ?

୧୪. 'ନ ହେଲେ ମୁଁ ତୁମକୁ ନଈରେ ନେଇ ଫୋପାଡ଼ିଦେବି' – ଠାକୁରଙ୍କ ଆଗରେ ଅଜ୍ଜୁ ଏପରି କହିବାର କାରଣ କ'ଣ ?

୧୫. କେଉଁ କାରଣରୁ ଅଜ୍ଜୁର ଦେହ ଭୟରେ ଥରିଉଠିଲା ?

୧୬. ଗଳ୍ପଟି ପଢ଼ି ଅଜ୍ଜୁ ବିଷୟରେ ତୁମର କି ଧାରଣା ହେଉଛି ?

୧୭. ତୁମେ ଯଦି ଅଜ୍ଜୁ ସ୍ଥାନରେ ଥାଆନ୍ତ, ତେବେ ଠାକୁରଙ୍କ ଆଗରେ ଯାହା କହିଥାନ୍ତ ଲେଖ ।

**ତୁମପାଇଁ କାମ :**

୧୮. ଗୋଟିଏ ଛୋଟ ପିଲାର ମନକଥା ଏ ଗପରେ କିପରି ଫୁଟିଉଠିଛି ସେ ସଂପର୍କରେ ସହପାଠୀମାନଙ୍କ ସହିତ ଆଲୋଚନା ସଭା ଆୟୋଜନ କର ।

୧୯. ବୀଣାପାଣି ମହାନ୍ତିଙ୍କ ଆଉ କେତୋଟି ଗଳ୍ପ ସଂଗ୍ରହ କରି ପଢ଼ ।

❖❖❖